## ୧୧ ବିଚାରପତି ଆସନ ଖାଲି ■ ଓକିଲଙ୍କ କାର୍ଯ୍ୟ ବର୍ଜନ

# ୧୯ ଯାଏ ହାଇକୋର୍ଟ ବନ୍ଦ !

**ଅମରେଶ ସାହୁ, କଟକ,୧୨।୨ :**

ଓଡ଼ିଶା ହାଇକୋର୍ଟର ବିଚାରପତି ସଂଖ୍ୟା କ୍ରମାଗତ ଭାବେ କମି କମି ଚାଲିଛି । ଫଳରେ ମାମଲା ପରିଚାଳନା ଆଶାନୁରୂପକ ହେଉନାହିଁ ବରଂ ମାମଲା ସଂଖ୍ୟା ବଢ଼ି ଚାଲିଛି । ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟରେ ନୂଆ ବିଚାରପତିଙ୍କୁ ଗତ ୨୦୧୫ ମସିହା ପରଠାରୁ ନିଯୁକ୍ତି




ନ ଦେବା ଘଟଣାକୁ ହାଇକୋର୍ଟ ବାର୍ ଆସୋସିଏସନ୍ ବିରୋଧ କରିଛି । ପ୍ରତିବାଦରେ ସୋମବାର ପୂର୍ବାହ୍ନରୁ ହାଇକୋର୍ଟ ବାର୍‌ର ଆଇନଜୀବୀମାନେ କୋର୍ଟ ବର୍ଜନ କରିଛନ୍ତି । କୋର୍ଟ ବର୍ଜନ କାର୍ଯ୍ୟକ୍ରମ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ହାଇକୋର୍ଟ ବାର୍ ପକ୍ଷରୁ କୁହାଯାଇଛି । ଏ ନେଇ ବାର୍‌ର ସଭାପତି ଶ୍ରୀକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପରିଚାଳନା ପରିଷଦର ଜରୁରୀ ବୈଠକରେ ସ୍ଥିର କରାଯାଇଛି । ଆସନ୍ତା ବୁଧବାର ଶିବରାତ୍ରୀ କାରଣରୁ ଓଡ଼ିଶା ହାଇକୋର୍ଟ ଛୁଟିଥିବାବେଳେ ଆଇନଜୀବୀଙ୍କ କୋର୍ଟ ବର୍ଜନ ଫଳରେ ଏହି ସପ୍ତାହର ୩ ଟି କାର୍ଯ୍ୟ ଦିବସ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି । ଅନ୍ୟପକ୍ଷରେ ଆସନ୍ତା ୧୬ ତାରିଖ ଶୁକ୍ରବାର କୋର୍ଟ ବର୍ଜନ ସମ୍ପର୍କରେ ବାର୍‌ର ପରିଚାଳନା ପରିଷଦ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ସେହିପରି ଆସନ୍ତା ୧୯ ତାରିଖ ପୂର୍ବାହ୍ନ ୧.୨୦ରେ ମଧ୍ୟ ହାଇକୋର୍ଟ ବାର୍‌ର ସାଧାରଣ ବୈଠକ ବସିବ । ଏହି ବୈଠକରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ହାଇକୋର୍ଟ ବାର୍‌ର ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି । ହାଇକୋର୍ଟ ବାର୍‌ର କୋର୍ଟ ବର୍ଜନ କାର୍ଯ୍ୟକ୍ରମକୁ ସ୍ୟାଟ୍ ବାର୍ ଆସୋସିଏସନ୍, କ୍ୟାଟ୍ ବାର୍ ଆସୋସିଏସନ୍, କ୍ରିମିନାଲ୍ କୋର୍ଟସ୍ ବାର୍ ଆସୋସିଏସନ୍, ସିଭିଲ୍ ବାର୍ ଆସୋସିଏସନ୍, ରେଭିନ୍ୟୁ ବାର୍ ଆସୋସିଏସନ୍ ସମର୍ଥନ କରିଛି । ବାର୍‌ର ଏପରି ନିଷ୍ପତ୍ତି ସମ୍ପର୍କରେ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଆଡ୍‌ଭୋକେଟ ଜେନେରାଲ୍‌ଙ୍କୁ ଅବଗତ କରାଯାଇଛି । ପ୍ରକାଶ ଥାଉକି, ଗତ ୩୧ ତାରିଖରେ ଓଡ଼ିଶା ହାଇକୋର୍ଟର ବିଚାରପତି ବିଜୟ କୁମାର ନାୟକଙ୍କ ଅବସର ହାଇକୋର୍ଟରେ ୧୧ଟି ବିଚାରପତି ପଦ ଖାଲି ପଡ଼ିଛି ।